


**ଆ**ଷାଢ଼ର ପହିଲି ବରଷାରେ ଭିଜା ଭିଜା ପାଗ ଦେହ ଓ ମନରେ ବେପଥୁର ମଧୁରତମ ଗୁଞ୍ଜନ ସୃଷ୍ଟି କରିବା ସ୍ୱାଭାବିକ । ପ୍ରଥମ ମେଘର ବରଷାରେ ଭିଜା ମାଟିର ଗନ୍ଧ ଆକଣ୍ଠ ପାନ କରିବାର ଅଭୀପ୍‌ସା ବେଳେ ବେଳେ ଜାଗରୁକ ହୁଏ ସ୍ୱାଗତିକାଙ୍କର ଭିଜା ଭିଜା ମନରେ । ଶହୀଦନଗରର ସେଇ ଲେଡିଜ୍ ହଷ୍ଟେଲରେ ନୂଆ ନୂଆ ମନ ନେଇ ଆସି ରାଜଧାନୀର ପାଣି ପବନରେ ତାଙ୍କର ମନ ଅନେକ ଆଡ୍‌ଜଷ୍ଟ୍ କରି ସାରିଲାଣି । ଯେଉଁଦିନ ବାରିପଦାର ଏକ ଅଖ୍ୟାତ ପଲ୍ଲୀରୁ ସ୍ନାତକୋତ୍ତର ଶିକ୍ଷାପାଇଁ ସ୍ୱାଗତିକା ଭୁବନେଶ୍ୱର ଆସିବାର ସମ୍ବାଦ ତାଙ୍କ ସହେଲୀ ପଲ୍ଲବୀଙ୍କ ପାଖରେ ପହଞ୍ଚେ, ସେ ସ୍ୱାଗତିକାକୁ ଡାକି କହି ଉଠିଲେ ସ୍ୱାଗତିକା ! ଭୁବନେଶ୍ୱରର ପାଣି ପବନରେ କୁଆଡ଼େ ପ୍ରେମର ସୁଗନ୍ଧ ଚିର ମୁହ୍ୟମାନ ଏବଂ ଅପରିଚିତ ମାନଙ୍କର ଆନ୍ତରିକତା ନେଇ ପରିଭ୍ରମଣ କରେ । ଶୁଖିଲା ଶୁଖିଲା ଗାଉଁଟିଆ ମନଟା ବେଳେ ବେଳେ ଓଦା ଓଦା ହୋଇ ଉଠେ ସେ ପବନର ଚିର ସୌଗନ୍ଧ୍ୟରେ । ଆଜି ସ୍ୱାଗତିକା ମନେ ମନେ ହସି ଉଠିଲେ ସେଦିନର ପଲ୍ଲବୀଙ୍କର କଥାକୁ ମନେ ପକାଇ, କାରଣ ସେଦିନ ସୌମ୍ୟଙ୍କ ସହିତ ପ୍ରଥମ ଦେଖାରେ ତାଙ୍କ ମନଟା ଓଦା ଓଦା ହୋଇ ଉଠିଥିଲା ।

ବାସ୍ତବିକ ସୌମ୍ୟ ଜଣେ ସୌମ୍ୟବାନ ପୁରୁଷ । ଯଦିଓ ସ୍ୱାଗତିକାଙ୍କ ମନ ରାଇଜର କୌଣସି ନିଭୃତ କୋଣରେ ପୁରୁଷର ସାନ୍ନିଧ ପାଇବାର ସାମାନ୍ୟତମ ଅଙ୍କୁର ଉଦ୍‌ଗମିତ ହେବାର ଲକ୍ଷଣ ନଥିଲା । ସେ କାହିଁକି ହଠାତ୍ ସୌମ୍ୟଙ୍କ ପ୍ରତି ଆକୃଷ୍ଟା ହୋଇ ଉଠିଥିଲେ ହୁଏତ କାହାରି କାହାରି ଅଜଣାରେ ହିଁ ପ୍ରେମଟା ହୋଇ ବସେ ।

ରାଜଧାନୀର ନୂଆ ନୂଆ ପଲିମର ରାସ୍ତାରେ ପାଦ ଦେଇ ଅନେକ ସୁନୀଳ ସ୍ୱପ୍ନର ପରିକଳ୍ପନା କରି ବସିଥିବା ଝିଅଟା ଯେ କିମିତି ଭୁଲିଗଲା ତା'ର ସ୍ୱତନ୍ତ୍ରତା, ତାର ନିଜର ବୁନିଆଦି ଚିନ୍ତାଧାରା ପରିବର୍ତ୍ତନଶୀଳ ମନନଶୀଳତାର ଦ୍ୱାହି ଦେଇ । ସେଦିନ କୌଣସି ଏକ ସୌଗନ୍ଧ୍ୟ ମୁହୂର୍ତ୍ତରେ ସ୍ୱାଗତିକାଙ୍କର ଦେଖାହୁଏ ସୌମ୍ୟଙ୍କ ସହିତ । ସୌମ୍ୟ ଯେ ସୁସୌଷ୍ଠବ ଯୁକ୍ତ ଜଣେ ଉଦୀୟମାନ ଯୁବକ । ଦେଖା ଦେଖାରେ ସୌମ୍ୟ ମନେ ମନେ ସୁଶ୍ରୀ ସ୍ୱାଗତିକାକୁ ଭଲପାଇ ବସନ୍ତି । ସ୍ୱାଗତିକା ଯେ ବିଶ୍ୱବିଦ୍ୟାଳୟର ଜଣେ ଅସାଧାରଣ ଗୁଣବତୀ, ଚରିତ୍ରବତୀ ତଥା ପ୍ରତିଭାଶାଳୀ ଚରିତ୍ର ଏକଥା ସମସ୍ତଙ୍କୁ ଅଳ୍ପବହୁତ ଜଣାଥିଲା । ମାତ୍ର ସୌମ୍ୟ ଯେ ନୂତନ ପିଢ଼ିର ସ୍ୱାଦଥିବା ଉଚ୍ଚ ରୁଚି ସଂପନ୍ନ ଜଣେ ଭିନ୍ନ ସ୍ୱାଦର ମଣିଷ । ଅନେକ ସ୍ୱାଗତିକା ଏଇ ବିଶ୍ୱବିଦ୍ୟାଳୟ କ୍ୟାମ୍ପସରେ ରୂପର ବିପଣୀ ସୌମ୍ୟବାନ ସୌମ୍ୟଙ୍କୁ ଦେଖାଇବାର ଚରମ ଚେଷ୍ଟା ନ କରିଛନ୍ତି, ସେପରି ନୁହେଁ । ରାସ୍ତାର କୃଷ୍ଣଚୂଡ଼ା ମୂଳରେ ଅନେକ ଝିଅମାନଙ୍କର ଆସର ବୋଧହୁଏ ବସିଥାଏ ତାଙ୍କର ଗୁଣ କୀର୍ତ୍ତନ କରିବା ପାଇଁ ଏବଂ ଆକଳନ କରିବା ପାଇଁ ଯେ ସିଏ କିଏ ରୂପବତୀ ତରୁଣୀ ସୌମ୍ୟଙ୍କୁ ତା'ର ମନ ଗହନର ପିଞ୍ଜରାରେ ଆବଦ୍ଧ କରି ପାରିବ । ମାତ୍ର ସୌମ୍ୟ ତାଙ୍କର ନାମକୁ ଠିକ୍ ଭାବରେ ପ୍ରତିପାଦନ କରିଛନ୍ତି ଯେ ସେ ସୌମ୍ୟ ଏବଂ ସୁନ୍ଦରତାର ପ୍ରତୀକ । ମନ ମଧ୍ୟରେ ପୁଅମାନଙ୍କ ପ୍ରତି ସାମାନ୍ୟ ରୁଚି ନଥିବା ସ୍ୱାଗତିକା ବ୍ୟାଙ୍କ କାଉଣ୍ଟର ପାଖରେ ସୌମ୍ୟଙ୍କୁ ଦେଖିବା ପରେ ଦୁହେଁ ଦୁହିଁଙ୍କ ପ୍ରତି ଆକର୍ଷିତ ହୋଇ ଉଠନ୍ତି । ସୌମ୍ୟ ପୌରୁଷର ଉଦ୍ଦାମତା ଦେଖାଇ ପଚାରି ବସନ୍ତି । ଆପଣଙ୍କ ସହିତ ଆଗର ପରିଚିତ ଥିବାପରି ଏବଂ ମନ ମଧ୍ୟରେ କେବେ କେବେ ଦେଖିବା ପରି ଲାଗେ । ସାମନ୍ୟ ଲାଜେଇ ଯାଇ ସ୍ୱାଗତିକା କହି ଉଠନ୍ତି, ''ଆପଣଙ୍କୁ ଅନେକବାର ଦୂରରୁ ଦେଖି ମନେ ମନେ ଜଣେ ସୁପୁରୁଷର ଚୟନ କରିପାରିଥିବାର ଏବଂ ଆଜି ହଠାତ୍ ଦେଖାହେବା ବୋଧହୁଏ ଭଗବାନଙ୍କର ମୋ' ପ୍ରତି ଥିବା ଅଶେଷ କରୁଣାରୁ କଣିକାଏ

ହୋଇ ଥାଇପାରେ । ସୌମ୍ୟ ନିଜେ ହତପ୍ରଭ ହୋଇ ଉଠିଲେ ଏବଂ ଦୁହେଁ ଅନେକ ସମୟର ପ୍ରଶ୍ନୋତ୍ତରର ପରିସମାପ୍ତି ଘଟାଇ ପୁଣି ମିଶିବାର ସମ୍ଭାବନା ନେଇ ଏବଂ ଅନେକ ଆଖିର ଇଙ୍ଗିତରୁ ରକ୍ଷା ପାଇବା ପାଇଁ ଦୂରେଇ ଯାଇଥିଲେ ।

ରୂପର ସୌରଭ ବାଟିକାରେ ଅନେକ ଗୋଲାପ ରଙ୍ଗ ବେରଙ୍ଗ ଚୁମ୍ବନ ସମ୍ଭାର ତଥା ନୂତନ ପ୍ରଭାତ ଅବଲୋକିବାର ସନ୍ଦିହାନେଇ ପ୍ରସ୍ଫୁଟିତ ହୁଅନ୍ତି । ସେମାନଙ୍କର ଅନ୍ତରର କୌଣସି ନିଭୃତ କୋଣରେ ଭ୍ରମରର ମଧୁଦଂଶନ ପାଇବାର ସାମାନ୍ୟତମ ଆଶଂକା ଥାଇପାରେ ଏବଂ ନ ଥାଇପାରେ ମଧ । କୌଣସି ଗୋଲାପ ବାଟିକାର ସମସ୍ତ ଗୋଲାପ ଯେ ଭ୍ରମରର ସାନ୍ନିଧ ପାଇ ପାରନ୍ତି ସେପରି ମଧ ନୁହେଁ । ତଥାପି ଫୁଲ ଫୁଟେ, ଭ୍ରମର ଆସେ, ଦଂଶନ ଦିଏ, କଣ୍ଟାର ଆଘାତର ମଧୁରତା ପାଏ, କିଛି ଦିଏ ଏବଂ ଅଭିସାରିକାର ଅଭୀପ୍‌ସାର ପରିସମାପ୍ତି ଘଟାଇ ଉଡ଼ିଯାଏ ।

ନୀରବ ନିଶ୍ଚଳ ଏକ ପ୍ରଜାପତି ମନ ନେଇ ଉଡୁଥିବା ସ୍ୱାଗତିକା ଆଜି ପଥହରା ହେବାର କଳ୍ପନା କରି ବସନ୍ତି । ତାଙ୍କର ମନ ବିଳପି ଉଠେ ଏବଂ ମନହୁଏ ସୌମ୍ୟଙ୍କର ପ୍ରଶସ୍ତ ଛାତି ଉପରେ ଲୋଟିପଡ଼ି ଜୀବନର ସମସ୍ତ ଅଭିସଂପାତର ପର୍ଯ୍ୟାଲୋଚନା ମୂଳକ ସମାଧାନ କରି ପକାଇବେ । ରୂପ, ରସ, ରଙ୍ଗ ଓ ବର୍ଣ୍ଣର ଚିର ସବୁଜିମାମୟ ବାଣୀବିହାରର ପରିସୀମା ତାଙ୍କୁ ସୌମ୍ୟଙ୍କ ବିନା ଯେପରି ଶ୍ରୀହୀନ ମନେ ହୁଏ ।

ସ୍ୱାଗତିକା ଭାବିଚାଲନ୍ତି ଏକା ଏକା ହଷ୍ଟେଲର ନୀରବ ପରିବେଶ ଏବଂ ଈଷତ୍ ଆଲୋକିତ ରୁମ୍‌ରେ ଖଟ ଉପରେ ପଡ଼ି ରହି । ବାହାରେ ଝିପି ଝିପି ବର୍ଷାରେ ସାମାନ୍ୟ ଓଦା ହେବା ପାଇଁ ସେ ବାହାରର ଲନ୍‌କୁ ଆସିଯାଇଥାନ୍ତି ଏବଂ ତାଙ୍କ ଅଲକ୍ଷ୍ୟରେ ଦେଖା ହୋଇଯାଏ ସୌମ୍ୟଙ୍କ ସହିତ । ଦେଖା ହେବାଟା ଯେପରି ଆଗରୁ ପରିକଳ୍ପିତ ହୋଇଥିଲା । ସ୍ୱାଗତିକାଙ୍କର ସାନ୍ନିଧରେ ସୌମ୍ୟ ସେଦିନ ନିଜର ସତ୍ତା ହରାଇ ବସିଥିଲେ । ସେଇ ସୌମ୍ୟ ଯିଏ ସାମାନ୍ୟ ଝିଅକୁ ଦେଖି ଆଗରୁ ବାଟ ଭାଙ୍ଗି ଚାଲି ଯାଉଥିଲେ, ସେ ଆଜି ସ୍ୱାଗତିକାଙ୍କର କୋମଳ ସାନ୍ନିଧ ମଧରେ ଏକ ପ୍ରକାର ବନ୍ଦୀ ହୋଇ ଯାଇଛନ୍ତି ।

ପ୍ରେମ ଶାରୀରିକ ମିଳନରେ ଏକ ମତୁଆଲା ମାପକାଠି ନୁହେଁ । ଏହା ସୁଗନ୍ଧମୟ ଜୀବନଯାପନର ଶୁଦ୍ଧିମୟ, ରସମୟ ଓ ସ୍ନେହମୟ ଆବେଗମାନଙ୍କର ଏକ ନିଛକ ପରିପ୍ରକାଶ । ପ୍ରେମ ଜୀବନର ଛଦ୍ରେ ଛଦ୍ରେ ଆଣି ଦେଇପାରେ ଗ୍ରୀଷ୍ମର ରୌଦ୍ରତା

ଆଉ ସୃଷ୍ଟି ବି କରିପାରେ ଅଫୁରନ୍ତ ଶାନ୍ତ ସଲିଳା ଫଲ୍‌ଗୁର ପ୍ରଶାନ୍ତ ଜଳରାଶିର ନମନୀୟତା, ମାନବୀୟ ଜୀବନ ପରିଧିରେ ।

ସ୍ୱାଗତିକା ଏକ ନୀଡ଼ହରା ପକ୍ଷୀ ପରି ନିଜର ଅସହାୟତା ବିଷୟରେ ଭାବାବିଷ୍ଟ ହୋଇ ଭାବି ଚାଲିଛନ୍ତି । ତାଙ୍କର ଦୃଢ଼ ମନନଶୀଳ ମନଟା କିପରି ନମନୀୟ ହୋଇ ଉଠିଛି । ଏଇ କ୍ୟାମ୍ପସର ଅନେକ କୃଷ୍ଣଚୂଡ଼ାମାନଙ୍କର ବୟସର ଅବସ୍ଥା ପରି ଭିନ୍ନ ଭିନ୍ନ ସମୟରେ ଭିନ୍ନ ଭିନ୍ନ ରୂପର ସମ୍ଭାର ନେଇ ଭିନ୍ନ ଭିନ୍ନ ଚରିତ୍ର ଆସିଛନ୍ତି । ଆଜି କୃଷ୍ଣଚୂଡ଼ା ସଙ୍ଗେ ବୟସରେ ତୁଳନା କରି ବସନ୍ତି ସ୍ୱାଗତିକା । ତାଙ୍କର ଜୀବନଟା ଯେପରି ରକ୍ତବର୍ଣ୍ଣ କୃଷ୍ଣଚୂଡ଼ାର ବର୍ଣ୍ଣବିଭା ନେଇ ରଙ୍ଗିମାମୟ ହୋଇ ଉଠିଛି । ଈଶ୍ୱରଙ୍କର ସମସ୍ତ ସତ୍ତା ଯେପରି ସୁନ୍ଦରତାର ଏକ ଏକ ମୂର୍ତ୍ତିମନ୍ତ ପ୍ରତୀକ ପରି ପ୍ରତୀୟମାନ ହେଉଛନ୍ତି । ସେ ନିଜକୁ ନିଜେ ଦେଖି ଲାଜେଇଯାଇ ଅନୁଭବ କରି ପାରୁଛନ୍ତି ଯେ ତାଙ୍କର ବୟସଟା ବୋଧହୁଏ ଟିକିଏ ବଢ଼ିଯାଇଛି, ତଥାପି ଏପରି ଏଙ୍କ ବୟସରେ ପ୍ରେମ କରିବାଟା ଯେପରି ଏକ ବ୍ୟତିକ୍ରମ ନୁହେଁ । ପ୍ରେମ  କାହାକୁ କରାଯାଏ ନାହିଁ, ଏହା ଅଗତ୍ୟା ଆପେ ହୋଇଯାଏ, ତାହା ଆଜି ସ୍ୱାଗତିକା ଅନୁଭବ କରିପାରୁଛନ୍ତି ଏବଂ ସେତିକି ନୁହେଁ ସେ ଏକଥା ମଧ ଭାବୁଛନ୍ତି ଯେପରି ସାରା ବିଶ୍ୱରେ ଆଜି ବିବିଧ ରଙ୍ଗ ନେଇ ବସନ୍ତ  ଆସି ଯାଉଛି ଏବଂ ତାଙ୍କପରି ସଦ୍ୟ ପ୍ରସ୍ଫୁଟିତ ଗୋଲାପ ସ୍ତବକମାନଙ୍କୁ ମଧୁକୀଟମାନେ ଆସି ତାଙ୍କ କାନରେ ପ୍ରେମର ମଧୁଗୁଞ୍ଜନ ଦେବାରେ ମଜ୍ଜିଯାଇଛନ୍ତି ।

ସୌମ୍ୟ ଅନେକ ରାତି ଯାଏ ବିନିଦ୍ର ରହି ସ୍ୱାଗତିକାଙ୍କର ସାନ୍ନିଧ୍ୟର ପ୍ରତ୍ୟେକ ମୁହୂର୍ତ୍ତମାନଙ୍କର ବିଶ୍ଳେଷଣ କରି ଚାଲିଥାନ୍ତି । ତାଙ୍କର ଦେହ ଯେ ଏବେ ବି ସ୍ୱାଗତିକାଙ୍କର କବରୀର ଗନ୍ଧରେ ଆମୋଦିତ ଏବଂ ସେ ନିଜେ ମଧ ମୋହିତ ହେବାର ମାନସିକତାରେ ମଗ୍ନ । ସମସ୍ତ ବସ୍ତୁରେ ଐଶ୍ୱରୀୟ ପରିସ୍ଫୁଟନ ହିଁ ପ୍ରେମ ମାଧ୍ୟମରେ, ସେ ଅନୁଭବ କରିପାରୁଛନ୍ତି । ସେ ଯେ ଅନେକ ସମୟରେ ଏକାଗ୍ରତା ହରାଇ ବସନ୍ତି, ଏହା ସମସ୍ତ ବଂଧୁମାନଙ୍କର ଏକାନ୍ତ ଟିପ୍‌ପଣୀ ।

ସୌମ୍ୟ ଓ ସ୍ୱାଗତିକା ଦୁହେଁ ଯେପରି ଦୁଇଟି କଳି ଗୋଟିଏ ବୃନ୍ତର । ଅନେକ ପ୍ରୀତିମୟ ମୁହୂର୍ତ୍ତମାନଙ୍କୁ ବିତାଇବାରେ ପରମ ସୌଭାଗ୍ୟ ଦୁହିଁଙ୍କ ମନରେ ଅନେକ ରୂପନେଇ ଆସେ । ବସନ୍ତର ଆଗମନରେ ଚନ୍ଦନ ବୃକ୍ଷ ସୁଗନ୍ଧିତ ହେବାପରି ପ୍ରେମର ଦିବ୍ୟ ସୌରଭରେ ଦୁହେଁ ସୁରଭିତ, ରସାଣିତ ଏବଂ ପୁଷ୍ପିତ ମଧ । ପ୍ରେମୀ ଯୁଗଳଙ୍କୁ

ଛାଡ଼ିଦେଲେ ସାରା ସଂସାର ଯେ ସେମାନଙ୍କର ଚକ୍ଷୁର ଅନ୍ତରାଳରେ ଆଖିମିଟିକା ମାରେ ତାହା ସେମାନେ ଅନୁଭବ କରିପାରନ୍ତି ନାହିଁ । ସ୍ୱାଗତିକାଙ୍କର ବାପା ତାଙ୍କ ପ୍ରେମର ଅନୁଭୂତି ବିଷୟରେ ଅବଗତ ହୋଇ ଆସିଥିଲେ ତାଙ୍କୁ ଘରକୁ ନେଇଯିବା ପାଇଁ । ତାହା ହିଁ ହେଲା; ସୌମ୍ୟଙ୍କୁ କୌଣସି ଠିକଣା ନଦେଇ ସ୍ୱାଗତିକା ବାପାଙ୍କ ସହିତ ଗ୍ରାମାଭିମୁଖୀ ହୁଅନ୍ତି ।

ପଥର ବ୍ୟାପ୍ତି ବୋଧହୁଏ ପ୍ରେମର ପରିସମାପ୍ତି ଘଟାଇବାରେ ଠିଆ ହୋଇ ପାରେନା । ସମୟର ମଧ୍ୟାନ୍ତର ହିଁ ଦୁଇଟି ଚରିତ୍ରକୁ ପୃଥକ କରାଇପାରେ କିଛି ଦିନ ପାଇଁ ଯାହା ପରେ ହୁଏତ ବିଚ୍ଛେଦରେ ପରିଣତ ହୋଇ ଯାଇପାରେ । ଏ ଦୁଇଟି ଚରିତ୍ର କ୍ଷେତ୍ରରେ ତାହାହିଁ ଘଟିଲା । ସୌମ୍ୟ ଓ ସ୍ୱାଗତିକା ଅନେକ ପ୍ରେମୀ ଯୁଗଳଙ୍କ ପରି ପରସ୍ପରଠାରୁ ଦୂରେଇଯାଇ ମିଶିବାର କୌଣସି ସଂଭାବନା ସୃଷ୍ଟି ନକରି ରହିଯା'ନ୍ତି ।

ତା'ପରେ ସମୟ ହିଁ କହିପାରେ ଏପରି ଦୁଇଟି ଜୀବନ ପୁସ୍ତିକାର ପରବର୍ତ୍ତୀ ଅଧ୍ୟାୟ କେଉଁପରି ଓ କେବେ ଉନ୍ମୋଚିତ ହୋଇଥାଇପାରେ ।

